# NATIONAL NEWS BULLETIN (ODIA)

## 5 September 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଗୁରୁ ଦିବସ ଅବସରରେ  ଜ୍ଞାନକୌଶଳ ସହ ଶିକ୍ଷାଦାନର ନୂଆ ପଦ୍ଧତି ବ୍ୟବହାର କରିବାକୁ ଶିକ୍ଷକମାନଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି

–ଆଜି ୮୨ ଜଣଙ୍କୁ ପ୍ରଦାନ କରିବେ ଜାତୀୟ ଶିକ୍ଷକ ପୁରସ୍କାର

- ନୂଆଦିଲ୍ଲୀର ଶ୍ରୀରାମ ବାଣିଜ୍ୟ କଲେଜର ଶତବାର୍ଷିକୀ ସମାରୋହରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ
- ଏନଟିଏ ପକ୍ଷରୁ ୩ଟି ବିଷୟରେ ହେବାକୁ ଥିବା ୟୁଜିସି-ନେଟ୍ ପୁନଃ ପରୀକ୍ଷା ଲାଗି ଜାରି ହେଲା ପ୍ରବେଶପତ୍ର
- ନେପାଳ ବନ୍ୟାରେ ଏପର୍ଯ୍ୟନ୍ତ ୧୬୯ ଜଣ ଭାରତୀୟଙ୍କୁ କରାଯାଇଛି ଉଦ୍ଧାର

ଏବଂ

- ଟି-୨୦ ମହିଳା ଏସିଆ କପ୍ କ୍ରିକେଟରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ ମ୍ୟାଚ୍

# ଟିଚର୍ସ୍ ଡେ

ସାରା ଦେଶରେ ଆଜି ଗୁରୁଦିବସ ବା ଶିକ୍ଷକ ଦିବସ ପାଳନ କରାଯାଉଛି । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ଙ୍କ ଜନ୍ମ ବାର୍ଷିକୀକୁ ଶିକ୍ଷକ ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ । ଶିକ୍ଷକମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଏବଂ ଗୁଣାତ୍ମକ ଶିକ୍ଷାଦାନକୁ ଆଧାରକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯିବ ।

# ଟିସର୍ଚ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକମାନଙ୍କୁ ସେମାନଙ୍କ ଜ୍ଞାନ ନିରନ୍ତର ଭାବେ ବୃଦ୍ଧି କରିବା ସହ ନୂତନ ଜ୍ଞାନକୌଶଳ ଆପଣାଇବା ଏବଂ ଶିକ୍ଷାଦାନର ନୂଆ ପଦ୍ଧତି ବ୍ୟବହାର କରିବା ଲାଗି ଆହ୍ୱାନ ଦେଇଛନ୍ତି । ରାଷ୍ଟ୍ରପତି କହିଛନ୍ତି ଶିକ୍ଷକ, ଶିକ୍ଷାର୍ଥୀମାନଙ୍କ ପ୍ରତିଭାକୁ ମୂଲ୍ୟାୟନ କରିବା ଏବଂ ସେମାନଙ୍କ ଚରିତ୍ର ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଶିକ୍ଷକଙ୍କୁ ଶିକ୍ଷାର୍ଥୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଭାବନା ଏବଂ କୌତୂହଳ ବିକଶିତ କରିବା ଲାଗି ରାଷ୍ଟ୍ରପତି କହିଛନ୍ତି । ଶିକ୍ଷକମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ସମର୍ପଣ ଭାବକୁ ପ୍ରଶଂସା କରିବା ସହ ରାଷ୍ଟ୍ରପତି

ଏଭଳି ପିଢ଼ି ନିର୍ମାଣ କରିବା ଲାଗି ଆଶା ବ୍ୟକ୍ତ କରିଛନ୍ତି, ଯେଉଁମାନେ ଦେଶକୁ ନୂତନ ଶିଖରକୁ ନେବା ଲାଗି ସକ୍ଷମ ହୋଇପାରିବେ । ଶ୍ରୀମତୀ ମୁର୍ମୁ ପୂର୍ବତନ ରାଷ୍ଟ୍ରପତି ତଥା ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କୁ ଜଣେ ମହାନ ଶିକ୍ଷକ ବୋଲି ଅଭିହିତ କରିଛନ୍ତି ।

ଆଜି ଗୁରୁ ଦିବସ ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ  ୪୮ ଜଣ ଶିକ୍ଷକଙ୍କୁ ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ । ସେହି ଶିକ୍ଷକମାନଙ୍କୁ ୨୭ଟି ରାଜ୍ୟ, ୭ଟି କେନ୍ଦ୍ରଶାସିତ ଅଞ୍ଚଳ ଓ ୬ଟି କେନ୍ଦ୍ରୀୟ ସରକାରୀ ପ୍ରତିଷ୍ଠାନରୁ ଚୟନ କରାଯାଇଛି । ସେହିପରି ଉଚ୍ଚତର ଶିକ୍ଷାନୁଷ୍ଠାନ ଓ ପଲିଟେକ୍‌ନିକ୍‌ରୁ ୨୧ଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ଜାତୀୟ ପୁରସ୍କାର ପ୍ରଦାନ କରିବେ । ଏହା ବ୍ୟତୀତ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ୧୩ ଜଣ ଶିକ୍ଷକଙ୍କୁ ମଧ୍ୟ ଜାତୀୟ ପୁରସ୍କାର ପ୍ରଦାନ କରାଯିବ ।

## ବ୍ୟାଡମିଣ୍ଟନ ଚାଇନା ମାଷ୍ଟର୍ସ

ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟି ଆଜି ମାଲେସିଆ ଯୋଡ଼ି ନୁର୍ ମହମ୍ମଦ ଆଜରିଆନ୍ ଆୟୁବ ଓ ଟାନ୍ ୱି ହିୟଙ୍ଗ

ଙ୍କ ସହ ସେମିଫାଇନାଲ୍‌ରେ ଅବତୀର୍ଣ୍ଣ ହେବେ । ଏହି ଭାରତୀୟ ଯୋଡ଼ି ଗତକାଲି କ୍ୱାର୍ଟର ଫାଇନାଲ୍‌ରେ ଡେନ୍‌ମାର୍କର କିମ୍ ଆଷ୍ଟ୍ରୁପ୍ ଏବଂ ଆଣ୍ଡର୍ସ ସ୍କାରୁପ୍ ଙ୍କ ଯୋଡ଼ିକୁ ୨୧-୧୩, ୧୬-୨୧ ଓ ୨୧-୧୮ ସେଟ୍‌ରେ ପରାସ୍ତ କରିଥିଲେ । ସାତ୍ତ୍ୱିକ ଏବଂ ଚିରାଗ କ୍ରମାଗତ ଭାବେ ଚତୁର୍ଥ ଥର ଲାଗି ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସେମିଫାନାଲ୍‌ରେ ପହଞ୍ଚିଛନ୍ତି ।

ସେହିପରି ଏକକ ପ୍ରତିଯୋଗିତାରେ କିଦାମ୍ବୀ ଶ୍ରୀକାନ୍ତ ଏବଂ ତନ୍‌ଭୀ ଶର୍ମା ପରାସ୍ତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି ।

# ଏନ୍‌ଟିଏ-ନେଟ୍ ଆଡମିଟ୍‌କାର୍ଡସ

ଜାତୀୟ ପରୀକ୍ଷଣ ସଂସ୍ଥା-ଏନଟିଏ ପକ୍ଷରୁ ଚଳିତମାସ ୯ ଓ ୧୦ ତାରିଖରେ ୩ଟି ବିଷୟରେ ହେବାକୁ ଥିବା ୟୁଜିସି-ନେଟ୍ ପୁନ ଃ  ପରୀକ୍ଷା ଲାଗି ଆଡମିଟ୍‌କାର୍ଡ ଜାରି କରାଯାଇଛି । ଇଂରାଜୀ, ବାଣିଜ୍ୟ ଏବଂ ସମାଜବିଜ୍ଞାନ ବିଷୟରେ ଏହି ପରୀକ୍ଷା ହେବ । ପରୀକ୍ଷାର୍ଥୀମାନେ ଆବଶ୍ୟକ ସୂଚନା ଦେଇ **ugcnet.ta.nic.in** ୱେବ୍‌ସାଇଟ୍‌ରୁ ଆଡମିଟ୍‌କାର୍ଡ ଡାଉନ୍‌ଲୋଡ କରିପାରିବେ । ଗତ ଜୁନ୍ ମାସରେ ୟୁଜିସି ନେଟ୍ ପରୀକ୍ଷାରେ ଇଂରାଜୀ, ବାଣିଜ୍ୟ ଓ ସମାଜ ବିଜ୍ଞାନ ବିଷୟରେ ହୋଇଥିବା ପରୀକ୍ଷାରେ ଅନେକ ତ୍ରୁଟି ପରିଲକ୍ଷିତ ହେବା ପରେ ପୁନର୍ବାର ପରୀକ୍ଷା ପାଇଁ ସମୟ ନିର୍ଘଣ୍ଟ କରାଯାଇଛି । ଚଳିତ ମାସ ୯ ତାରିଖ

ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଫ୍ଟରେ ଇଂରାଜୀ ଏବଂ ଦ୍ୱିତୀୟ ସିଫ୍ଟରେ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବାଣିଜ୍ୟ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବ । ସେହିପରି ୧୦ ତାରିଖ ସକାଳ ୯ଟାରୁ ପ୍ରଥମ ସିଟିଂରେ ସମାଜବିଜ୍ଞାନ ବିଷୟ ପରୀକ୍ଷା କରାଯିବ ।

## ନେପାଳ-ଇଣ୍ଡିଆ ଇଭାକୁଇଜ୍

ବନ୍ୟା ପ୍ରଭାବିତ ନେପାଳର ତ୍ରିଶୂଳୀ ବଜାର ଅଞ୍ଚଳରୁ ୩ ଜଣ ଭାରତୀୟ ନାଗରିକଙ୍କୁ ଉଦ୍ଧାର କରାଯାଇଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି । ଉଦ୍ଧାର ହୋଇଥିବା ୩ ଜଣଙ୍କ ମଧ୍ୟରେ ଜଣେ ୫ବର୍ଷର ଶିଶୁ ରହିଥିବା ଜଣାପଡ଼ିଛି । ଏଥିସହିତ ମୋଟ୍ ୧୬୯ ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି । ଗତକାଲି ନୂଆଦିଲ୍ଲୀରେ ଭାରତୀୟ ନାଗରିକମାନଙ୍କ ନିରାପତ୍ତା ନେଇ ସାମ୍ବାଦିକମାନଙ୍କୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ନେପାଳରେ ହୋଇଥିବା ଭୟଙ୍କର ବନ୍ୟାରେ ୨୭୫ ଜଣ ଭାରତୀୟ ନାଗରିକ ନିଖୋଜ ଅଛନ୍ତି । ସେ କହିଛନ୍ତି, ୧ ହଜାର ୯୦୭ ଜଣ ଭାରତୀୟ ନାଗରିକ ସୁରକ୍ଷିତ ଭାବେ ନେପାଳରୁ ଯାଇ ଚୀନ୍‌ରେ ପହଞ୍ଚିଛନ୍ତି । କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥିବା ମୁଖପାତ୍ର ଶ୍ରୀ ଜୟସ୍ୱାଲ କହିଛନ୍ତି । ତିବ୍ବତ ଅଞ୍ଚଳରେ କୌଣସି ଭାରତୀୟ ତୀର୍ଥଯାତ୍ରୀ ନଥିବା ସେ

ସ୍ପଷ୍ଟ କରିଛନ୍ତି । ବନ୍ୟା ପ୍ରଭାବିତ ନେପାଳକୁ ଭାରତ ସରକାର ନିରନ୍ତର ସହାୟତା ଯୋଗାଇ ଦେଉଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଏପର୍ଯ୍ୟନ୍ତ ୯୪ ଟନ୍ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇଥିବା ସେ କହିଛନ୍ତି । ଆଗାମୀ ଦିନରେ ଭାରତ ଅଧିକ ପରିମାଣର ଫରେନ୍‌ସିକ୍ କିଟ୍, ବେଲିବ୍ରିଜ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ପଠାଇବ ବୋଲି ଜଣାପଡ଼ିଛି । ଇତିମଧ୍ୟରେ ଏହି ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ୨୯୫କୁ ବୃଦ୍ଧି ପାଇଥିବା ବେଳେ ଉଦ୍ଧାରକାରୀମାନେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି । ଜରୁରୀକାଳୀନ ଟିମ୍ ପକ୍ଷରୁ ୧୨ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୫ ହଜାରରୁ ଅଧିକ ଲୋକ ନିଖୋଜ ରହିଥିବା ସୂଚନା ଦିଆଯାଇଛି ।

## ଜୟଶଙ୍କର ରୁଷ-ୟୁକ୍ରେନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି ଭାରତ ଉଭୟ ରୁଷ ଓ ୟୁକ୍ରେନ୍ ସହ ଯୋଗାଯୋଗରେ ରହିଛି । ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଶୀଘ୍ର ଯୁଦ୍ଧ ସମାପ୍ତି ନେଇ ଆଶାବାଦୀ ରହିଛି । ସେ କହିଛନ୍ତି, ଯୁଦ୍ଧରେ କେହି ବିଜୟୀ ହୋଇ ନଥାନ୍ତି, ବରଂ ଏହା ଯୋଗୁଁ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥାଏ ଓ ଧ୍ୱଂସଲୀଳା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥାଏ । ଡକ୍ଟର ଜୟଶଙ୍କର କହିଛନ୍ତି, ରୁଷ

ଏବଂ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ବିବାଦର ଅନ୍ତ ଲାଗି ଭାରତ ଯଥାସମ୍ଭବ ନିଜର ଭୂମିକା ନିର୍ବାହ କରିବ । ୟୁକ୍ରେନ୍‌ରେ ବିଭିନ୍ନ ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା ପରେ ଡକ୍ଟର ଜୟଶଙ୍କର ପୋଲାଣ୍ଡରେ ପହଞ୍ଚିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ତାଙ୍କ ପୋଲାଣ୍ଡ ପ୍ରତିପକ୍ଷଙ୍କ ସହ ଖାଦ୍ୟ, ତୈଳ ଏବଂ ସାର ଭଳି ଅତ୍ୟାବଶ୍ୟକ  ସାମଗ୍ରୀର ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟାର ସମାଧାନ କରିବା ନେଇ ଆଲୋଚନା କରିଛନ୍ତି । ଉଭୟ ଭାରତ ଓ ପୋଲାଣ୍ଡ ୨୦୨୪ରୁ ୨୮ ପର୍ଯ୍ୟନ୍ତ ମିଳିତ କାର୍ଯ୍ୟାନ୍ୱୟନ ଯୋଜନାର ଅଗ୍ରଗତି ସମୀକ୍ଷା କରିଛନ୍ତି । ଏହି ଯୋଜନା ଅନୁଯାୟୀ  ବାଣିଜ୍ୟ ଓ ପୁଞ୍ଜିନିବେଶ, ପ୍ରତିରକ୍ଷା, ସଂସ୍କୃତି ଏବଂ ବହୁମୁଖୀୟ ସହଯୋଗ ଆଦି କ୍ଷେତ୍ରରେ ଉଭୟ ଦେଶ ସହଭାଗିତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି ।

## ଭିପି-ଚେନ୍ନାଇ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଆଜି ଦିନିକିଆ ତାମିଲନାଡୁ ଗସ୍ତରେ ଯିବେ । ଗସ୍ତ କାଳରେ ଉପରାଷ୍ଟ୍ରପତି  ଇଣ୍ଡିଆ ଭାଲ୍‌ବ୍‌ସ ୨୦୨୬ କାର୍ଯ୍ୟକ୍ରମରେ ସାମିଲ ହେବେ । ଏହି କାର୍ଯ୍ୟକ୍ରମ ହୃଦ୍‌ରୋଗ ସମ୍ବନ୍ଧରେ ବିକଶିତ ଚିକିତ୍ସା ପଦ୍ଧତି ଉପରେ ଆଲୋଚନା କରିବା ଲାଗି ମଞ୍ଚ ପ୍ରଦାନ କରିବ । ଚେନ୍ନାଇର ଗୁଇଣ୍ଡି ଠାରେ ଉପରାଷ୍ଟ୍ରପତି ଇଣ୍ଡିଆ ଭାଲ୍‌ବ୍ ରେଜିଷ୍ଟ୍ରିର ଉନ୍ମୋଚନ କରିବେ । ପରେ ଉପରାଷ୍ଟ୍ରପତି ଚେନ୍ନାଇର

ଭଲୁବର୍ କୋଟମ୍ ଠାରେ ଦିନମଲାର ସମ୍ବାଦପତ୍ରର ୭୫ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଡାକ ଟିକଟ ଜାରି କରିବେ ।

## ଭିପି-ଚେନ୍ନାଇ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଆଜି ଦିନିକିଆ ତାମିଲନାଡୁ ଗସ୍ତରେ ଯିବେ । ଗସ୍ତ କାଳରେ ଉପରାଷ୍ଟ୍ରପତି ଇଣ୍ଡିଆ ଭାଲ୍‌ବ୍‌ସ ୨୦୨୬ କାର୍ଯ୍ୟକ୍ରମରେ ସାମିଲ ହେବେ । ଏହି କାର୍ଯ୍ୟକ୍ରମ ହୃଦ୍‌ରୋଗ ସମ୍ବନ୍ଧରେ ବିକଶିତ ଚିକିତ୍ସା ପଦ୍ଧତି ଉପରେ ଆଲୋଚନା କରିବା ଲାଗି ମଞ୍ଚ ପ୍ରଦାନ କରିବ । ଚେନ୍ନାଇର ଗୁଇଣ୍ଡି ଠାରେ ଉପରାଷ୍ଟ୍ରପତି ଇଣ୍ଡିଆ ଭାଲ୍‌ବ୍ ରେଜିଷ୍ଟ୍ରିର ଉନ୍ମୋଚନ କରିବେ । ପରେ ଉପରାଷ୍ଟ୍ରପତି ଚେନ୍ନାଇର ଭଲୁବର୍ କୋଟମ୍ ଠାରେ ଦିନମଲାର ସମ୍ବାଦପତ୍ରର ୭୫ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଡାକ ଟିକଟ ଜାରି କରିବେ ।

## ଏଚ୍‌ଏମ୍-ଗୋଆ ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜିଠାରୁ ୩ ଦିନିଆ ଗୋଆ ଗସ୍ତରେ ଯିବେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ସେଠାରେ ଆୟୋଜିତ ହେବାକୁ ଥିବା ବୈଠକରେ ଶ୍ରୀ ଶାହା ଅଧ୍ୟକ୍ଷତା କରିବେ । ପରେ ଶ୍ରୀ ଶାହା ନିଶାଦ୍ରବ୍ୟ ସମ୍ବନ୍ଧିତ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଆଜି ସନ୍ଧ୍ୟାରେ ଶ୍ରୀ ଶାହା ଅଟଳ ଭବନରେ ନବନିର୍ମିତ ବିଜେପି ରାଜ୍ୟ କାର୍ଯ୍ୟାଳୟର ଉଦ୍‌ଘାଟନ କରିବେ । ଏଥିସହିତ ରାଜ୍ୟ ବିଜେପିର

କୋର୍ କମିଟି ବୈଠକରେ ଶ୍ରୀ ଶାହା ଅଧ୍ୟକ୍ଷତା କରିବେ । ଆସନ୍ତା ସୋମବାର ଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ପଶ୍ଚିମାଞ୍ଚଳ ଜୋନାଲ୍ ପରିଷଦ ବୈଠକରେ ଯୋଗଦେବା ସହ ଗୋଆ ପୋଲିସ୍‌କୁ ରାଷ୍ଟ୍ରପତିଙ୍କ ପୁରସ୍କାର ପ୍ରଦାନ କରିବେ ।

# କ୍ରିକେଟ୍-ୱିମେନ୍ସ ଏସିଆ କପ୍

ଟି-୨୦ ମହିଳା ଏସିଆକପ୍ କ୍ରିକେଟ୍‌ରେ ଗ୍ରୁପ୍-ଏ ର ଅନ୍ତିମ ମ୍ୟାଚ୍‌ରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବ ୨ଟି ମ୍ୟାଚ୍‌ରେ ଥାଇଲ୍ୟାଣ୍ଡ ଓ ହଂକଂକୁ ପରାସ୍ତ କରି ଭାରତ ସେମିଫାଇନାଲ୍‌ରେ ପହଞ୍ଚି ସାରିଛି ।

ଅନ୍ୟପକ୍ଷରେ ପାକିସ୍ତାନ କେବଳ ଗୋଟିଏ ମ୍ୟାଚ୍ ଖେଳି ଥାଇଲ୍ୟାଣ୍ଡକୁ ପରାସ୍ତ କରିଛି । ଗ୍ରୁପ୍-ଏ ରେ ପାକିସ୍ତାନ ୨ ପଏଣ୍ଟ ପାଇଥିବା ବେଳେ ସେମିଫାଇନାଲ୍ ଯୋଗ୍ୟତା ଅର୍ଜନ ପାଇଁ ଆଉ ୧ ପଏଣ୍ଟର ଆବଶ୍ୟକ କରୁଛି । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ୟୁଏଇ ୬ ୱିକେଟ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରିଛି । ୭୨ ରନ୍‌ର ପିଛା କରି ୟୁଏଇ ୧୩ ଓଭର ଗୋଟିଏ ବଲ୍‌ରେ ୪ ୱିକେଟ୍ ବିନିମୟରେ ୭୫ ସ୍କୋର କରିଥିଲା । ପ୍ରଥମେ ବ୍ୟାଟିଂ କରି ଇଣ୍ଡୋନେସିଆ ୧୯ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୭୧ ରନ୍ କରିଥିଲା ।

# ବ୍ୟାଡମିଣ୍ଟନ ଚାଇନା ମାଷ୍ଟର୍ସ

ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟି ଆଜି ମାଲେସିଆ ଯୋଡ଼ି ନୁର୍ ମହମ୍ମଦ ଆଜରିଆନ୍ ଆୟୁବ ଓ ଟାନ୍ ୱି ହିୟଙ୍ଗ ଙ୍କ ସହ ସେମିଫାଇନାଲ୍‌ରେ ଅବତୀର୍ଣ୍ଣ ହେବେ । ଏହି ଭାରତୀୟ ଯୋଡ଼ି ଗତକାଲି କ୍ୱାର୍ଟର ଫାଇନାଲ୍‌ରେ ଡେନ୍‌ମାର୍କର କିମ୍ ଆଷ୍ଟ୍ରୁପ୍ ଏବଂ ଆଣ୍ଡର୍ସ ସ୍କାରୁପ୍ ଙ୍କ ଯୋଡ଼ିକୁ ୨୧-୧୩, ୧୬-୨୧ ଓ ୨୧-୧୮ ସେଟ୍‌ରେ ପରାସ୍ତ କରିଥିଲେ । ସାତ୍ତ୍ୱିକ ଏବଂ ଚିରାଗ କ୍ରମାଗତ ଭାବେ ଚତୁର୍ଥ ଥର ଲାଗି ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସେମିଫାନାଲ୍‌ରେ ପହଞ୍ଚିଛନ୍ତି ।

ସେହିପରି ଏକକ ପ୍ରତିଯୋଗିତାରେ କିଦାମ୍ବୀ ଶ୍ରୀକାନ୍ତ ଏବଂ ତନ୍‌ଭୀ ଶର୍ମା ପରାସ୍ତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି ।